# ତହସିଲଦାରଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

ବିଜ୍ଞପ୍ତି ସଂଖ୍ୟା 6285 ତା 19.07.2018

**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ ଅନୁଯାୟୀ )

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଢେଙ୍କାନାଳ ତହସିଲ ଅନ୍ତର୍ଗତ ନିମ୍ନ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସକୁ ୫ (ପାଞ୍ଚ) ବର୍ଷ ନିମନ୍ତେ (୨୦୧୮-୧୯ ଠାରୁ ୨୦୨୨-୨୩) ଦିର୍ଘ ମିଆଦୀ ଲିଜ୍ ସୁତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ସଇରାତ ଉତ୍ସର ନାମ - **ମହୁଲପୁଞ୍ଜି ରୋଡମେଟାଲ ଖଣି** ।

| SL No. | Name of the Tahasil | Sairat case No | Mouza | Name of Circle | Type of source | Khata No | Plot No | Status | Area in Ac. |
|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| 1 | Dhenkanal | 1/2018-19 | Mahulapunji | Bhapur | Road | 571 | 234 | Patharabani | 0.85 |
| | | | | | Metal | | 1334 | Patharabani | 0.68 |
| | | | | | | | | Total | 1.53 |

| Area in Hect. | Name and Location | Mode of disposal | MGQ in Cum | Royalty per cum) | Additional charges (In Rs.) | Solvency in Rs. | EMD in Rs. |
|---|---|---|---|---|---|---|---|
| 0.62 | Mahulapunji | Auction | 5,000 | 130.00 | 20.00 | As per condition mentioned in point no 4 | 37500.00 |

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁଖଣିଜ ଦ୍ରବ୍ୟରିହାତି ନିୟମାବଳୀ - ୨୦୧୬ ବର୍ଣ୍ଣିତ ତିନିକତା ଫର୍ମ-M ପୂରଣକରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

୧. ଦରଖାସ୍ତ ଫି ବାବଦକୁ ଟ. ୧,୦୦୦/- ଟଙ୍କାର ଟ୍ରେଜେରୀ ଚାଲାନ (Head of Account- 0853-Non-ferrous Mining and Metallurgical Industries-102- Mineral concession fees, Rents & Royalties) ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ, ତଫସିଲ ଓ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମାବଳୀ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇବା ଅତିରିକ୍ତ ଦେୟ ତଥା ରୟାଲଟି ସମପରିମାଣର ଏକ ଶୋଧକ୍ଷମପ୍ରମାଣ ପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ) (Requisite Extent of Solvency = Minimum Guaranteed Quantity X (Offered Additional Charge + Royalty)

19/7/18

୫. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି (ଏକ ବର୍ଷର MGQ ଉପରେ) ର ଶତକଡା ୫ ଭାଗ EMD (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledge ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬. ପ୍ରଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକିୟ ତଥ୍ୟ ତଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୁହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭. ଆୟକର ଦାଖଲ ( Income Tax Return Filing) ବିବରଣୀର ନକଲ ।

୮. ଦରଖାସ୍ତ କାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ୍ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଇଚ୍ଛୁକ ଦରଖାସ୍ତକାରୀ ଉପୋରକ୍ତ କାଗଯାତ ସହ ଦରଖାସ୍ତ ଯଉମୁଦଦିଆ ଲଫାପାରେ Register Post / Speed Post ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ । ତା୧୪.୦୮.୨୦୧୮ ରିଖ ଅପରାହ୍ନ ୨ ଘଟିକୁ ସୁଦ୍ଧା ଦରଖାସ୍ତ ଗୁଡିକ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଏବଂ ଉକ୍ତ ଦିନ ଅର୍ଥାତ୍ ତା ୧୪.୦୮.୨୦୧୮ ରିଖ ଅପରାହ୍ନ ୪ ଘଟିକା ସମୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଖୋଲାଯିବ । ସମସ୍ତ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୁର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ । ଉପରୋକ୍ତ ଧାର୍ଯ୍ୟ ସମୟପରେ ଦରଖାସ୍ତ ଗ୍ରହଣୀୟ ହେବନାହିଁ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ ଉକ୍ତ ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତା ହେଲେ ଉକ୍ତ ଉତ୍ସପାଇଁ ପୁନର୍ବାର ଇଚ୍ଛୁକ ବ୍ୟକ୍ତି ମାନେ ତା ୧୬.୦୮.୨୦୧୮ ରିଖ ରୁ ତା ୨୪.୦୮.୨୦୧୮ ରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ଆବେଦନ କରିପାରିବେ ଏବଂ ଧାର୍ଯ୍ୟ ସମୟ ମଧ୍ୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତା ୨୪.୦୮.୨୦୧୮ ରିଖ ଅପରାହ୍ନ ୩ ଘଟିକା ସମୟରେ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୁର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ। ଯଦି ଦ୍ୱିତୀୟଥର ମଧ୍ୟ କୌଣସି ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତ ଗୁଡିକ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ତଥା ଶେଷଥରପାଇଁ ତା ୨୫.୦୮.୨୦୧୮ ରିଖ ଠାରୁ ତା ୦୩.୦୯.୨୦୧୮ ରିଖ ମଧ୍ୟରେ ଯେକୌଣସି ସରକାରୀ କାର୍ଯ୍ୟଦିବସରେ ତା ୦୩.୦୯.୨୦୧୮ ରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧୀକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତି ରେ ତା ରିଖ ଅପରାହ୍ନ ୪ ଘଟିକା ସମୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୨/୮/୧୮

ଯଦି ଉକ୍ତ ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ , ତେବେ ଏହି ଦରଖାସ୍ତଟିକୁ ଖୋଲା ନଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ। ଯଦି, ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତିତ ସେହି ଉତ୍ସ ଆଉ କୌଣସି ଦରଖାସ୍ତ ହୋଇନଥାଏ , ତେବେ ସେହି ଏକକ ଦରଖାସ୍ତଟିକୁ ଶେଷ ତାରିଖରେ ଖୋଲା ଯିବ ।

ଠିକଣା

***ତହସିଲଦାରଙ୍କ କାର୍ଯ୍ୟାଳୟ ଢେଙ୍କାନାଳ***
***ଗ୍ରାମ/ ପୋ- ଢେଙ୍କାନାଳ, ଜିଲ୍ଲା -ଢେଙ୍କାନାଳ (ଓଡିଶା)***
***ପିନ୍ - ୭୫୯୦୦୧***

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ର କୁ ଯୋଗ୍ୟ ବିବେଚିତ କରାଯିବ ।

ବିଜ୍ଞାପନ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ବହନ କରିବେ ।

ନିଲାମ ଧାରୀ Mines Act ୧୯୫୨ ଓ Explosive Act ୧୯୮୪ ର ନିୟମ ଓ ନିୟମାବଳୀର ଅର୍ନ୍ତଭୁକ୍ତ ହେବେ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟରେ ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନିତ କରାଯିବ ।

ଯୋଗ୍ୟବିବେଚିତ ଆବେଦନକାରୀଙ୍କୁ ମନୋନୟନ ୭ (ସାତ) ଦିନ ମଧ୍ୟରେ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ (ର) ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଖରଚ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣ୍ଠି କୁ ( District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ ରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି ( Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି , ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀ, ସର୍ବାଧିକ ନିଲାମଧାରୀଙ୍କ ତୁଳନାରେ ଅସାମାନ୍ୟ ଭାବରେ କମ୍ ମୂଲ୍ୟରେ ଆବେଦନ କରିଥାନ୍ତି, ତେବେ ପ୍ରାଧିକୃତ ଅଧିକାରୀ ନିୟନ୍ତ୍ରଣ ପ୍ରାଧିକାରୀ ଙ୍କ ନଜରକୁ ଏହା ଆଣିପାରିବେ ।ଏବଂ ଉପଯୁକ୍ତ ତଦନ୍ତ, ଏବଂ ଉପଯୁକ୍ତ ଯଥାର୍ଥତା ନେଇ ଉକ୍ତ ନିଲାମକୁ ନାକଚ କରିପାରିବେ। ଏହା ପାଇଁ ପୁନି ନିଲାମ କରିବାପାଇଁ ନିର୍ଦ୍ଦେଶ ଦେଇପାରିବେ ।

ଯଦି ଦ୍ୱିତୀୟ ସର୍ବାଧିକ ନିଲାମଧାରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସିକୃତି ନଦିଅନ୍ତି କିମ୍ବା ନିୟନ୍ତ୍ରଣ ପ୍ରାଧିକାରୀ ନିଲାମକୁ Sub-Rule ୧୦ of ୨୬ OMMC Rule ବଳରେ ନାକଚ କରନ୍ତି, ତେବେ ପୁନି ନିଲାମ ର ଆବେଦନ ପତ୍ର ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ପରବର୍ତ୍ତି ଉଚ୍ଚ ପ୍ରାଧିକାରୀଙ୍କ ଅନୁମୋଦନ ପରେ ଜାରି କରାଯିବ ।

ଯଦି Mining Plan ଏବଂ Environment Clearance, lease ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ହାସଲ ନ ହୋଇଥାଏ । ତେବେ ଜ୍ଞାପନ ପାଇବାର ୩ ମାସ ମଧ୍ୟରେ ହାସଲ କରିବେ । ନଚେତ୍ ଜ୍ଞାପନ ରଦ୍ଦ କରାଯିବ ଏବଂ ଅମାନତ ରାଶି ରଦ୍ଦ ହେବ ।

ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ ୨୦୧୬ ରେ ଧାର୍ଯ୍ୟ ହୋଇଥିବା ସମସ୍ତ ପ୍ରକାର ଦେୟ ଯଥା ରୟାଲଟି , ଡେଡ୍ ରେଣ୍ଟ, ସରଫେସ୍ ରେଣ୍ଟ, ଅତିରିକ୍ତ ଚାର୍ଜ, ଡି.ଏମ.ଏଫ, ଇ.ଏମ.ଏଫ, ଇନ୍‌କମ ଟାକ୍ସ ଆଦାୟ କରାଯିବ ।

ଲିଜ୍‌ଧାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ (ରିହାତି) ନିୟମ ୨୦୧୬ର ଓ ତତ୍ ପରବର୍ତ୍ତି ସମସ୍ତ ସରକାରୀ ଓ ଅଦାଲତ ଆଦେଶ ଅନୁଯାୟୀ ପରବର୍ତ୍ତିତ ଦେୟ ଦେବାକୁ ବାଧ୍ୟ ହେବେ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନିତ ଆବେଦନକାରୀଙ୍କୁ ଜଳବାୟୁର Pollution Control Board ର Consent to operate order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to Operate order ରେ ଲିଜ୍ ଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।

ଲିଜଧାରୀ ସଇରାତ ଉତ୍ସର (Mining Plan) ନକ୍ସା ଅନୁଯାୟୀ ଏହା ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ ।

ଲିଜ୍‌ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ( ରିହାତି) ନିୟମ ୨୦୧୬ ର ଓ ତତ୍ ପରବର୍ତ୍ତି ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

ପ୍ରକାଶ ଥାଉକି ଲିଜ୍ ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସର ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ୍ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷଦାୟୀ ରହିବେ ନାହିଁ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in** ରେ ଉପଲବ୍ଧହେବ ।

ଯଦି ଏହି ବିଜ୍ଞାପନ ରେ ନିୟମ ଅନୁଯାୟୀ କୌଣସି ତୃଟି ପରିଲିକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀ ଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

19/7/18

**ତହସିଲଦାର ଢେଙ୍କାନାଳ**

**ସ୍ମାରକ ସଂଖ୍ୟା** 6286 / **ତାରିଖ** 19.07.2018

ଏହାର ଏକକିତା ନକଲ ଜିଲ୍ଲାପାଳ ଢେଙ୍କାନାଳ / ଉପଜିଲ୍ଲାପାଳ ଢେଙ୍କାନାଳ/ହିନ୍ଦୋଳ/କାମାକ୍ଷାନଗର/ ଗୋଷ୍ଠି ଉନ୍ନୟନ ଅଧିକାରୀ, ସଦର ଢେଙ୍କାନାଳ / ମ୍ୟୁନିସିପାଲିଟି, ଢେଙ୍କାନାଳ / ସମସ୍ତ ଗ୍ରାମପଞ୍ଚାୟତ /ସମସ୍ତ ରାଜସ୍ୱ ନିରୀକ୍ଷକ, ଢେଙ୍କାନାଳ ତହସିଲଙ୍କ ସଦୟ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

19/7/18

**ତହସିଲଦାର ଢେଙ୍କାନାଳ**

**ସ୍ମାରକ ସଂଖ୍ୟା** 6287 / **ତାରିଖ** 19.07.2018

ଏହାର ଏକକିତା ନକଲ D.I.O (N.I.C) , ଢେଙ୍କାନାଳ ଙ୍କୁ ଜିଲ୍ଲା ୱେବ୍‌ସାଇଟ୍ ରେ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

19/7/18

**ତହସିଲଦାର ଢେଙ୍କାନାଳ**

# FORM – M
Application for grant of Quarry Lease
[*See* rule 27(4)]

To

..................................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................. years over............hectares of land in the area specified in the *Annexure* given below:-
2. A sum of Rs.......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20 ..... has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   i) An affidavit stating that no mining due payable under the Act and Rules made there under is outstanding against the applicant.
   ii) Where land belongs to private persons, consent of all such persons for grant of quarry lease.
   iii) Solvency certificate and list of immovable property from the Revenue Authority.
4. (i) Name and address of the applicant..........................................................
   (ii) Nationality of the applicant..........................................................
   (iii) Profession of the applicant..........................................................
   (iv) Particulars of the areas, mineral wise, within the State for which the applicant or any person having joint interest with him..........................................
   a) Already holds a quarry lease..........................................................
   b) Has already applied for a quarry lease but not granted .............................
   c) Being applied for simultaneously..........................................................
   d) Nature of joint interest, if any..........................................................
   (v) Means by which the minor minerals is/are to be raised, i.e. whether manual or mechanical.....................
   (vi) Manner in which the minor mineral raised to be utilized-
   (a) For manufacture.....................
   (b) For sale..................................
   (c) Any other purpose.....................
   (vii) Details of the plan boundary description and land schedule of the area applied for to be enclosed

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District.................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date.......... Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.